JUBAMORCHA ଯୁବମୋର୍ଚ୍ଚା

# ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ଘଟଣାକୁ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିନ୍ଦା

**ପୁରୀ (ଯୁବମୋର୍ଚ୍ଚା ବ୍ୟୁରୋ):** ଇସ୍କନର ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ଘଟଣାକୁ ନିନ୍ଦା କରିଛନ୍ତି ଜଗତଗୁରୁ ଶଙ୍କରାଚାର୍ଯ୍ୟ। ଇସ୍କନ ବିଧିକୁ ଉଲଙ୍ଘନ କରି ନିଜର ଖ୍ୟାତି ପାଇଁ ଏଭଳି କାର୍ଯ୍ୟ କରୁଛି। ଖ୍ୟାତି ପାଇଁ ବିଧି ଉଲଙ୍ଘନ କଲେ ସବୁଥିରେ ଅସଫଳ ହେବ ଇସ୍କନ। ସେପଟେ ଅଦିନିଆ ରଥଯାତ୍ରାକୁ ନେଇ ଗତକାଲି ଇସ୍କନ କର୍ତ୍ତୃପକ୍ଷଙ୍କୁ ଗଜପତି ଦିବ୍ୟସିଂହ ଦେବ ଚିଠି ଲେଖିଛନ୍ତି । ନଭେମ୍ବର ୩ରେ ସ୍ନାନଯାତ୍ରା ଓ ୯ରେ ରଥଯାତ୍ରା ଆୟୋଜନ ନକରିବାକୁ ହଷ୍ଟନ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି ଗଜପତି । ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଅନୁଷ୍ଠିତ



ହୋଇଥାଏ । ସନାତନ ବୈଦିକ ଧର୍ମରେ ବୈଷ୍ଣବ ପ୍ରଥା ଅନୁସାରେ ଇସ୍କନ ମଧ୍ୟ ସେହିଦିନରେ ରଥଯାତ୍ରା ଆୟୋଜନ କରିବାକୁ ଆମେ ଆଶା ରଖୁଛୁ ବୋଲି ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠିରେ ଜଣାଇଛନ୍ତି ଗଜପତି ଦିବ୍ୟସିଂହ ଦେବ । ଅଦିନ ରଥଯାତ୍ରା ପ୍ରଚଳିତ ପରମ୍ପରାର ବିରୁଦ୍ଧାଚରଣ କରୁଛି ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି । ଶ୍ରୀମନ୍ଦିର ପରମ୍ପରା ମୁତାବକ ରଥଯାତ୍ରା କରିବାକୁ ପୂର୍ବରୁ କୁହାଯାଇଛି । ଇସ୍କନ ପକ୍ଷରୁ ହେଉଥିବା ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ଶଙ୍କରାଚାର୍ଯ୍ୟ ଓ ଗଜପତି ଇସ୍କନ ସଂସ୍ଥାକୁ ଚିଠି ଲେଖିବା ଘଟଣାକୁ ସ୍ୱାଗତ କରିଛି ପୂଜାପଣ୍ଡା ନିଯୋଗ ।

# କଳିଙ୍ଗ ବାଲିଯାତ୍ରା ନିମନ୍ତେ ଭୂମିପୂଜନ



**ପାରାଦୀପ, (ସୁମନ୍ତ ସ୍ୱାଇଁ) :** ନଭେମ୍ବର ମାସ ୧୪ ତାରିଖରୁ ଆଠ ଦିନ ବ୍ୟାପି ପାରାଦୀପ ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହେବାକୁ ଯାଉଛି କଳିଙ୍ଗ ବାଲିଯାତ୍ରା ମହୋତ୍ସବ । ଏହି ଉପଲକ୍ଷେ ବୁଧବାର ଦିନ ପୂର୍ବାହ୍ନରେ ବିଜୁ ମଇଦାନରେ ଭୂମି ପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ନଗରପାଳ ବସନ୍ତ ବିଶ୍ୱାଳଙ୍କ ସମେତ ବାଲିଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ ବାଲିଯାତ୍ରା ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଏଥି ସହିତ ଓଡିଶାର ଲୋକକଳା ଓ ସ୍ଥାନୀୟ କଳାକାରମାନଙ୍କୁ ଅଗ୍ରାଧିକାର ଦିଆଯିବ । ଚଳିତ ବର୍ଷ ୧୫୦୦ ଷ୍ଟଲ୍‌ର ବ୍ୟବସ୍ଥା କରାଯାଉଛି । ଯେଉଁଥିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ବାହାର ଜିଲ୍ଲାର ପାରମ୍ପରିକ ସାମଗ୍ରୀ ସହିତ ହସ୍ତତନ୍ତ ସାମଗ୍ରୀର ଷ୍ଟଲ ଖୋଲାଯିବ । ବାଲିଯାତ୍ରା ପଡିଆକୁ ସିସିଟିଭି ନଜରରେ ରଖାଯିବା ସହିତ ୧୬ ପ୍ଲାଟୁନ୍ ପୋଲିସ୍ ମୁତୟନ କରାଯିବ । ଭୂମିପୂଜନ କାର୍ଯ୍ୟକ୍ରମ ସରିବା ପରେ ବୁଧବାର ଠାରୁ ବାଲିଯାତ୍ରା ପଡିଆରେ ଷ୍ଟଲ ତିଆରି କାର୍ଯ୍ୟ ଆରମ୍ଭ ହୋଇଛି ।

# ସୁଡ୍ରା ଗ୍ରାମପଞ୍ଚାୟତରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

**କନ୍ଧମାଳ, (ଅରୁଣ ଡିଗଲ) :** ବିପର୍ଯ୍ୟୟ ପରିଚାଳନାରେ ଗ୍ରାମ ପଂଚାୟତର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଏଥିନିମନ୍ତେ ଓଡିଶା ସରକାରଙ୍କ ତରଫରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଂଚଳରେ ଗ୍ରାମ୍ୟସ୍ତରରୁ ବିପର୍ଯ୍ୟୟ




ପରିଚାଳନା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଗତ ୧୮ତାରିଖ ବାଲିଗୁଡା ବ୍ଲକ୍‌ର ସୁଡ୍ରା ଗ୍ରାମପଂଚାୟତ ରାଜୀବ ଗାନ୍ଧି ସେବା ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁଡ୍ରା ସରପଂଚ ସରୋଜିନି ମଲ୍ଲିକ ଅଧ୍ୟକ୍ଷତା କରିଥିବା ବେଳେ ନ୍ୟାୟେବ ସରପଂଚ ସହଦେବ ମଲ୍ଲିକ ସଭା ପରିଚାଳନା କରିଥିଲେ । ସ୍ୱାତୀ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ସମିତି, କନ୍ଧମାଳ ସହଯୋଗ ପ୍ରଦାନ କରିଥିଲେ । ଅନୁଷ୍ଠାନ ତରଫରୁ ସଂଯୋଜକ ବିଶ୍ୱରଞ୍ଜନ କର ଉପସ୍ଥିତ ରହି ବିପର୍ଯ୍ୟୟର ବିଭିନ୍ନ ସ୍ୱରୂପ ଓ ତାର ପୂର୍ବ ପ୍ରସ୍ତୁତି ଏବଂ ପରବର୍ତୀ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥି ସହ ରାଜ୍ୟରେ ପୂର୍ବରୁ ଘଟିଥିବା ମହାବାତ୍ୟା ସମୟର ବିପର୍ଯ୍ୟୟକୁ ଉଦାହରଣ ସ୍ୱରୂପ ନେଇ ଆଜି ପର୍ଯ୍ୟନ୍ତ ସରକାରୀ ସ୍ତରରେ କରାଯାଇଥିବା ପ୍ରସ୍ତୁତି କିପରି ଧନ, ଜୀବନ ଓ ସମ୍ପତି ରକ୍ଷାକରିବାରେ ସହାୟକ ହେଉଛି ତାହା ସୂଚନା ଦେଇଥିଲେ । ପଂଚାୟତ ସ୍ତରରେ କିପରି ବିପର୍ଯ୍ୟୟ ପରିଚାଳନା କମିଟି ଗଠନ କରି ବିଭିନ୍ନ ବିପର୍ଯ୍ୟୟ ଯଥା- ବନ୍ୟା, ବାତ୍ୟା, ବଜ୍ରାଘାତ, ଭୂସ୍ଖଳନ, ସାପ କାମୁଡା ଭଳି ବିପର୍ଯ୍ୟୟର ସୁ ପରିଚାଳନା ହେବ ତାହା ମଧ୍ୟ ଉପସ୍ଥାପନା କରାଯାଇଥିଲା । ପଂଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ପ୍ରିୟବ୍ରତ ସାହୁ ଉପସ୍ଥିତ ରହି ଯୋଜନା ପ୍ରସ୍ତୁତି ଓ କମିଟି ଗଠନ ପରେ କମିଟି ସଦସ୍ୟ ମାନଙ୍କୁ ତାଲିମ ମାଧ୍ୟମରେ କିପରି ବିପର୍ଯ୍ୟୟକୁ ସାମ୍ନା କରିବାକୁ ପ୍ରସ୍ତୁତ ହେବେ ଓ ପରବର୍ତ୍ତୀ ପରିଚାଳନାରେ ସହଯୋଗ କରିପାରିବେ ତାହା ଆଗାମୀ ଦିନ ମାନଙ୍କରେ ଶିଖାଇବାର ଅଛିବୋଲି କହିଥିଲେ । କାର୍ଯ୍ୟକ୍ରମରେ ବଜ୍ରାଘାତରୁ ସୁରକ୍ଷା ସଂପର୍କୀତ ସଚେତନତା ପୋଷ୍ଟର ମାଧ୍ୟମରେ ବୁଝାଯିବା ସହ ପ୍ରତ୍ୟେକ ଗ୍ରାମରେ ପୋଷ୍ଟର ଲଗାଇ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଉପସ୍ଥିତ ୱାର୍ଡ ସଭ୍ୟ/ସଭ୍ୟା, ଅଙ୍ଗନବାଡି କର୍ମୀ, ଏମ୍‌ବିକେ ଓ ଆଶା କର୍ମୀମାନଙ୍କୁ ଅନୁରୋଧ କରାଯାଇଥିଲା । ଜିଲ୍ଲା ବିପଦ ପ୍ରଶମନ କନ୍‌ସଲାଟାଣ୍ଟ ପ୍ରଭୁ ପ୍ରସାଦ ମହାରଣା ଓ ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସ୍ୱେଚ୍ଛାସେବୀ ବାଥୁଏଲ୍ ନାୟକ ପରିଚାଳନାରେ ସହଯୋଗ କରିଥିଲେ । ଆୟୋଜିତ ବୈଠକରେ ସ୍ଥାନୀୟ ଅଂଚଳରୁ ଶତାଧିକ ସ୍ୱେଚ୍ଛାସେବୀ, ଜନପ୍ରତିନିଧି, ଆଗଧାଡିର ସ୍ୱାସ୍ଥ୍ୟ କର୍ମୀ, ସରକାରୀ କର୍ମଚାରୀ ଓ ଅଙ୍ଗନବାଡି କର୍ମୀ ଯୋଗ ଦେଇଥିବା ବେଳେ ଏମ୍.ବି.କେ. ଦିପ୍ତି ମଲ୍ଲିକ କମିଟି ଗଠନରେ ସହଯୋଗ କରିଥିଲେ ।

# ଭଙ୍ଗା ଛାତ ତଳେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

**ଉଦଳା, (ନରହରି ବିଶ୍ୱାଳ) :** ଉଦଳା ବ୍ଲକ ଅନ୍ତର୍ଗତ ଖଲାଡି ପଞ୍ଚାୟତ ଦୂତିକାଦେଇପୁର ପ୍ରାଥମିକ ଶୋଚନୀୟ ଅବସ୍ଥାରେ ରହିଛି । ଏଠାରେ ବିପଦ ଶଙ୍କୁଳ ଅବସ୍ଥାରେ ପାଠ ପଢୁଛନ୍ତି କୁନି କୁନି ପିଲା ମାନେ ଓ ଦୂତିକାଦେଇପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୯୮୧ ମସିହାରେ ଶୁଭାରମ୍ଭ କରାଯାଇଥିଲା ବେଳେ ଏହି ସ୍କୁଲରେ



ପ୍ରଥମରୁ ପଞ୍ଚମ ଶ୍ରେଣୀ ଅଛି । ଏହି ପ୍ରାଥମିକ ବିଦ୍ୟାଳୟରେ ସମୁଦାୟ ୪୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ବିଦ୍ୟାଳୟର ଶ୍ରେଣୀ ଗୃହ ଭାଙ୍ଗିଯାଇ କାନ୍ଥ ଏବଂ ଛାତରେ ବଡ ବଡ ଫାଟ ଦେଖାଯିବା ସହିତ ଛାତରୁ ପାଣି ଗଳୁଛି । ଏହି ବିଦ୍ୟାଳୟରେ ଫାଟ ପଡିବା ସହିତ ଛାତ କେତେବେଳେ ଯେ ଭୁଶୁଡି ପଡିବ ତାହା କିଛି କହି ହେବନାହିଁ । ସରକାର ବିଦ୍ୟାଳୟ ମାନଙ୍କର ରୂପରେଖ ବଦଳାଇବା ସହିତ ଶିକ୍ଷାର ମାନ ବଢାଇବା ପାଇଁ ବିଦ୍ୟାଳୟ ଗୁଡିକୁ ନବୀକରଣ କରି ରୂପରେଖ ବଦଳାଉଥିବା ବେଳେ ଏହି ବିଦ୍ୟାଳୟ ଏପର୍ଯ୍ୟନ୍ତ ବିପଦ ଶଙ୍କୁଳ ଅବସ୍ଥାରେ ରହିଛି । ଭଙ୍ଗା କୋଠରୀଭିତରେ ୪୮ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଆଶଙ୍କା ମଧ୍ୟରେ ଚାଲିଛି । ବିଦ୍ୟାଳୟକୁ ଅବିଭାବକ ସେମାନଙ୍କ ପିଲାଙ୍କୁ ଛାଡିବାକୁ ଭୟ କରୁଥିବା କଥା ପ୍ରକାଶ କରିଥିବା ବେଳେ ଗ୍ରାମବାସୀ ବିପଦସଂକୁଳ ଶ୍ରେଣୀ କକ୍ଷକୁ ତୁରନ୍ତ ସୁରକ୍ଷିତ କରିବାପାଇଁ ପ୍ରଶାସନ ନିକଟରେ ଦୃଢ ଦାବି ରଖିଛନ୍ତି ।

# ଭୁଲିଯାଇଥିବା ପାରମ୍ପରିକ ଖାଦ୍ୟ ମେଳା

**ଫୁଲବାଣୀ, (ଅରୁଣ ଡିଗଲ) :** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ରାଇକିଆ ଶ୍ରୀ ଅନ୍ନ କାର୍ଯ୍ୟକ୍ରମର ମିଳିତ ଉଦ୍ୟମରେ ରାଇକିଆସ୍ଥିତ କୃଷକ ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଏକ ଦିନିକିଆ ପାରମ୍ପରିକ ବା ଭୁଲିଯାଇଥିବା ଖାଦ୍ୟ ମେଳା ରାଇକିଆ ବ୍ଲକ୍ ଅଧ୍ୟକ୍ଷ ପ୍ରିତମ ପ୍ରଧାନଙ୍କ ଦ୍ୱାରା ଶୁଭ ଉଦ୍ଘାଟିତ ହୋଇଯାଇଛି । ଏଥିରେ କନ୍ଧମାଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ସାମଲ ଯୋଗ ଦେଇ ପ୍ରସ୍ତୁତ ଖାଦ୍ୟର ତିଆରି ପ୍ରଣାଳୀ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ପଚାରି ବୁଝିବା ସହ ଏହାର ଉପକାରିତା ବିଷୟରେ ବୁଝାଇଥିଲେ । ତତ୍ ସହିତ ଜି. ଉଦୟଗିରି ଜିଲ୍ଲା କୃଷି ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ରାଇକିଆ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମଉନାବତୀ ପାତ୍ର, ରାଇକିଆ ବ୍ଲକ୍ ଏ.ବି.ଡି.ଓ. ଦିବ୍ୟସିଂ କହଁର , ଡି.ପି.ସି. ଓସନ୍ ଦିଜେସ୍ କୁମାର, ରାଇକିଆ ବ୍ଲକ୍



କୃଷି ଅଧିକାରୀ ସଚିନ୍ଦ୍ର କୁମାର ସେଠୀ , ରାଇକିଆ । ସହକାରୀ କୃଷୀ ଅଧିକାରୀ ସୁଦିପ୍ତା ପ୍ରଧାନ ଉପସ୍ଥିତ ରହି ମହିଳା ଓ ଚାଷୀ ମାନଙ୍କୁ ପାରମ୍ପରିକ ଖାଦ୍ୟର ଉପକାରିତା ଓ ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ପ୍ରଦର୍ଶୀତ ହୋଇଥିବା ୨୩ ପ୍ରକାର ଖାଦ୍ୟକୁ ସ୍ଥାନୀୟ ମହିଳା ଗୋଷ୍ଠୀ ମା ଲକ୍ଷ୍ମୀ (ଲାମ୍ବାଡିକିଆ), ସଂଘମିତ୍ରା, ଅଲିଭା, ମାତୃଶକ୍ତି ଜିବନଜ୍ୟୋତୀ ଓ ଆଲ୍ମା (ସୁଗଡବାଡି)ର ସଦସ୍ୟା ମାନେ ପ୍ରସ୍ତୁତ କରିଥିବା ବେଳେ ଡଡିଙ୍ଗିଆ। ସରପଂଚ ଅଶୋକ କୁମାର ପ୍ରଧାନ ଏଭଳି ପ୍ରସ୍ତୁତିକରଣ କୁ ପ୍ରଦର୍ଶନୀ ଉତ୍ସବରେ ଉପସ୍ଥିତ ରହି ପ୍ରୋତ୍ସାହିତ କରିଥିଲେ । ପାରମ୍ପରିକ ଢାଂଚାରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ମଧ୍ୟରେ ମାଣ୍ଡିଆ। ପ୍ରସ୍ତୁତି ଦାନ୍ତଖିଲି, ନିମିକି, ପତ୍ର ପିଠା, ରାକ୍ଷୋ, ମହୁ ଘର, ମଣ୍ଡା ପିଠା, ପତ୍ର ପୋଡା, କଖାରୁ ପୋଡ ପିଠା, କୁଏରି ଭାତ,ସଜନା କାଞ୍ଜି, ମକା ଲଡୁ, କୁଏରି କ୍ଷିରି, ବଦାଲି କାଞ୍ଜି ରହିଥିବା ବେଳେ କାଣ୍ଡାବାଡା ର ଅନ୍ନପୂର୍ଣ୍ଣା ସ୍ୱୟଂସହାୟକ ଦଳ ସଭ୍ୟା ମାନଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ। ଚାହାକୁ ଉପସ୍ଥିତ ସମସ୍ତ ଅଧିକାରୀ ଚାଖିବା ସହିତ ପ୍ରସ୍ତୁତି ପ୍ରଣାଳୀ ପଚାରି ବୁଝିଥିଲେ । ବୈଠକରେ ଅନୁଷ୍ଠାନର ବରିଷ୍ଠ କର୍ମୀ ସୁସ୍ମିତା ଜେନା ଯୋଗ ଦେଇ ଉତମ ସ୍ୱାସ୍ଥ୍ୟ ପାଇଁ ଏହାର ଆବଶ୍ୟକତା ବିଷୟରେ ଅବଗତ କରାଇଥିଲେ । ତତ୍ସହିତ ଅନୁଷ୍ଠାନର କୋଷାଧକ୍ଷ ସାନ୍ତନୁ କୁମାର ମିଶ୍ର ଓ ହିସାବ ରକ୍ଷକ ସନ୍ତୋଷ କୁମାର ମିଶ୍ର ଯୋଗ ଦେଇ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ମାଣ୍ଡିଆ। କିପରି ମନୁଷ୍ୟ ଶରୀରକୁ ସହୟତା କରେ ତାହା ଚାଷୀ ମାନଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ବରିଷ୍ଠ କର୍ମୀ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବାବେଳେ ଅନ୍ନପୂର୍ଣ୍ଣା ପ୍ରଧାନ, ହୃଷିକେଶ ଅମାୟତ, ପ୍ରଶନ୍ନ ବାରିକ, ରତ୍ନାକର ପ୍ରଧାନ ଓ କୃତିବାସ ପ୍ରଧାନ ପରିଚାଳନା ରେ ସହଯୋଗ କରିଥିଲେ ।